PECUC

# Village/Ward Level Child Protection Committee PECUC'S Guideline

# ଗ୍ରାମ୍ୟ/ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟି ପିକକ୍ ମାର୍ଗଦର୍ଶିକା



# Village/Ward Level Child Protection Committee
# PECUC'S Guideline

**What is village/ward level child protection committee**

The Village/Ward Level Child Protection Committee is a group at community level for taking responsibility of protecting children from abuse, exploitation, violence and neglect.

**Village/Ward level Child Protection Committee –Guiding Principle**

- **Best Interest of the Child** - Any decision taken should always consider the **"best Interest"** of the child
- **Equality and Non-Discrimination** -Children should not be discriminated due to their background, religion, caste, gender, ethnicity, disability and economic profile.
- **Child Participation** - They should be heard and believed without any doubts or don't interrupt when they explain their issues or matter which affect them.
- **Maintaining Confidentiality** – While handling case of the child ensure confidentiality
- **Respect and dignity** - Treat children with dignity & respect them as an individual.
- **Non-Judgmental Attitude** - Don't blame the child for the situation and don't assume.

**Formation of Village/Ward level Child protection committee**

- Identify purpose and role of the Committee
- Develop clear/explicit goals;
- Team membership
- Establish rules for carrying out duties
- Provide orientation to members to support CPC in developing linkages with other institutions like PRIs, NGOs, School Management Committees Child Welfare Committee, Police officials, etc

**Purpose of Village /ward level child protection Committee :**

- Create awareness in the wider community on the need for child protection and to promote child rights
- Identify vulnerabilities, threats and risks of risk children
- Consult with children and Find local solution to the local problems and if situation needed then seek appropriate higher level intervention.
- Link with government mechanisms and act as advocate for children in need of care and protection.

**Criteria for selection of Member of Village/ Ward Level Child Protection Committee**

- Person who has a credibility and acceptance/ respect in the community
- Person volunteer who can give time for CPC work
- From the same village
- Child Friendly
- Love & Concern for Children
- Willingness to be part of CPC
- Person who is concerned and interested in children's issues - commitment
- Professional engagement with children like Teachers, ICDS workers, Health workers, SMC Members, Panchayat Functionaries, SHG Leaders ,

**Village / Ward Level Child Protection Committee membership**

- PRI/ULB members
- Women Self Help Group member
- Youth Group Member
- Community leader/Senior Citizen/
- MTA/PTA member
- Teacher
- NGO/CSO representative
- Anganwadi Workers
- ASHA
- Children (Two Nos- 1 boy & 1 girl – within 15-18 years)
- Proportional representation of women and men
- MUST BE INCLUSIVE

**11 Members Team at village level**

**Structure of Village / Ward Level Child Protection Committee**

- President
- Secretary
- Members [9nos]

**Functions of a Village / Ward Level Child Protection Committee**

- Identify the children at risk of abuse, neglect and exploitation
- Take remedial action for the victim of abuse, neglect and exploitation
- Case review- regularly collect information
- Linkages with Services: ensure that family avail services
- Tracking and follow up of cases
- Advocacy for children in need of care and protection
- Co-ordination and linkages with other institutions like CWC, Police, Labour, Anti Trafficking, CHILDLINE, NGOs, Panchayat etc
- Protection of each and every child in the community from any type of abuse and exploitation
- Awareness building on child rights / Protection issues –Among community & Parents.
- Information Gathering on Children and vulnerability mapping
- Establishing linkage with Govt. Schemes and programmes with families of vulnerable children
- Establishing linkage with structures /Institutions available for protection of children – Police Station, Child Rights Commission, Human Rights Commission, CWC, JJB
- Information dissemination regarding Laws, Legislation/ Programme /Policies
- Intervention in Violations – Gathering Information, Rescue, Counseling, Rehabilitation, Reintegration
- Raising Resources to meet the crisis / intervention related expenditures
- Visiting worksite, Schools ,play ground ,children homes and in other meeting places (of children) – create awareness /working with other stake holders /Intervention as and when required.
- Meeting Regularly –At least Once in a month – And as and when required in emergencies.
- Maintaining Registers, Fact finding report ,Meeting Proceedings etc
- Building Capacity of Members of the committee
- Consultation with Children ,analyzing the situation and intervention accordingly as required

**Key Factors in effective functioning of Village / Ward Level Child Protection Committee**

- Keep meeting times to a minimum
- Keep meeting positive and focused
- Always have an agenda
- Prioritize case and follow up of last cases
- Attendance sheet and proceeding of the meeting
- Equal opportunity to participate, respect opinion of all

**Roles & responsibility**

**President**

- Shall preside over the meetings .
- Lead & guide the team.
- Take necessary proactive action as and when required .
- Call urgent meeting in case of emergency.
- Negotiate , liaison & coordinate with key stakeholders .

**Secretary**

- Shall work as convener to ensure periodic meetings take place on time.
- Issue notice, of each meeting along with agenda to all members in advance.
- Maintain records of attendance and minutes/ proceedings of each meeting.
- Coordination with key stake holders as and when required.

# ଗ୍ରାମ୍ୟ/ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟି
# ପିକକ୍ ମାର୍ଗଦର୍ଶିକା

## ଗ୍ରାମ୍ୟ/ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟି କ'ଣ ?

➢ ଗ୍ରାମ୍ୟ /ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କିମିଟି ହେଉଛି ଏକ ଗୋଷ୍ଠି ସ୍ତରୀୟ କମିଟି ଯାହାକି ଶିଶୁଙ୍କୁ ଶୋଷଣ, ହିଂସା ଓ ଅବହେଳାରୁ ସୁରକ୍ଷା ଦେବାପାଇଁ କାର୍ଯ୍ୟ କରିଥାଏ ।

## ଗ୍ରାମ୍ୟ / ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟି – ମାର୍ଗଦର୍ଶିକା ନିୟମାବଳୀ

➢ ଶିଶୁଙ୍କ ସର୍ବୋତ୍କୃଷ୍ଟ ଇଛା – କୌଣସି ନିଷ୍ପତ୍ତି ନେବା ସମୟରେ ଶିଶୁଙ୍କ ସର୍ବୋତ୍କୃଷ୍ଟ ଇଚ୍ଛାକୁ ବିଚାରକୁ ନିଆଯିବ ।

➢ ସମାନତା ଏବଂ ଅଣ ଭେଦଭାବ – ଶିଶୁମାନଙ୍କ ସହିତ ସେମାନଙ୍କ ପୂର୍ବଜ, ଧର୍ମ, ଜାତି, ଲିଙ୍ଗ, ସଂସ୍କୃତି, ଭିନ୍ନକ୍ଷମତା ଏବଂ ଆର୍ଥିକ ସ୍ଥିତି ଆଧାରରେ ଭେଦଭାବ କରାଯାଇ ପାରିବ ନାହିଁ ।

➢ ଶିଶୁଙ୍କ ସହଭାଗିତା –କୌଣସି ଦ୍ୱିଧା ନରଖି ସେମାନଙ୍କୁ ଶୁଣିବା ଓ ବିଶ୍ୱାସ କରିବା ସେମାନେ ସାମ୍ନା କରିଥିବା ବିଭିନ୍ନ ସମସ୍ୟା କିମ୍ୱା ପ୍ରସଙ୍ଗ ଉତ୍ଥାପନ ସମୟରେ ସେମାନଙ୍କୁ ବାଧା ନଦେବା ।

➢ ଗୋପନୀୟତା ରକ୍ଷା – ଶିଶୁମାନଙ୍କ ସମସ୍ୟା ସମାଧାନ ସମୟରେ ସମସ୍ତ ପ୍ରକାର ଗୋପନୀୟତା ରକ୍ଷା କରାଯିବା

➢ ସମ୍ମାନ ଏବଂ ମର୍ଯ୍ୟାଦା – ଶିଶୁମାନଙ୍କୁ ଅନ୍ୟ ବ୍ୟକ୍ତିଙ୍କ ଭଳି ସମ୍ମାନ ଓ ମର୍ଯ୍ୟାଦାର ସହ ବ୍ୟବହାର କରାଯିବ ।

➢ ଅଣ ନିଷ୍ପତ୍ତିଗତ ବ୍ୟବହାର – କୌଣସି ପ୍ରକାର ପରିସ୍ଥିତି ପାଇଁ ଶିଶୁମାନଙ୍କୁ ଦୋଷ ଦିଆଯାଇ ପାରିବନାହିଁ କିମ୍ୱା ମାନି ନିଆଯିବ ନାହିଁ ।

## ଗ୍ରାମ୍ୟ/ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ :

➢ କମିଟିର ଉଦ୍ଦେଶ୍ୟ ଓ କାର୍ଯ୍ୟକୁ ଚିହ୍ନଟ କରିବା ।

➢ ସ୍ୱଷ୍ଟ ଓ ନିର୍ଦ୍ଦିଷ୍ଟ ଲକ୍ଷ୍ୟର ବିକାଶ କରିବା

➢ ଟିମ୍‌ର ସଦସ୍ୟତା

➢ କାର୍ଯ୍ୟ ସମ୍ପାଦନ ପାଇଁ ନିୟମ ପ୍ରସ୍ତୁତ କରିବା

➢ ଶିଶୁ ସୁରକ୍ଷା କମିଟିର ସଦସ୍ୟମାନଙ୍କୁ ଅନ୍ୟ ସଂସ୍ଥା ଯାଥା ପଞ୍ଚାୟତିରାଜ ସଂସ୍ଥା, ଏନ୍‌ଜିଓ, ବିଦ୍ୟାଳୟ, ପରିଚାଳନା କମିଟି, ଶିଶୁ ମଙ୍ଗଳ କମିଟି ଓ ପୁଲିସ୍ କର୍ମଚାରୀଙ୍କ ସହ ମିଶି କାର୍ଯ୍ୟ କରିବାପାଇଁ ତାଲିମ ପ୍ରଦାନ କରିବା ।

## ଗ୍ରାମ୍ୟ/ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ଉଦ୍ଦେଶ୍ୟ :

➢ ଶିଶୁଙ୍କ ସୁରକ୍ଷାପାଇଁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ଶିଶୁ ଅଧିକାରକୁ ପ୍ରୋତ୍ସାହନ ଦେବା ।

➢ ସମ୍ବେଦନଶୀଳ ଏବଂ ଧମକର ସମ୍ମୁଖୀନ ହୋଇ ବିପଦରେ ଥିବା ଶିଶୁଙ୍କୁ ଚିହ୍ନଟ କରିବା ।

➢ ଶିଶୁଙ୍କ ସହ ଆଲୋଚନା କରି ସ୍ଥାନୀୟ ଅଞ୍ଚଳରେ ତାହାର ସମାଧାନ ଖୋଜିବା ଏବଂ ଯଦି ଆବଶ୍ୟକ ପଡେ ତେବେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ସହାୟତା ନେବା ।

➢ ସରକାର ବ୍ୟବସ୍ଥା ସହିତ ସମନ୍ୱୟ ରକ୍ଷା କରିବା ଏବଂ ଯେଉଁ ଶିଶୁମାନଙ୍କୁ ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଅଛି ତାଙ୍କ ପାଇଁ କାର୍ଯ୍ୟକରିବା ।

## ଗ୍ରାମ୍ୟ/ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟି ସଦସ୍ୟ ଚୟନ ପାଇଁ ଯୋଗ୍ୟତା

➢ ଯେଉଁ ବ୍ୟକ୍ତିଙ୍କର ବିଶ୍ୱସନୀୟତା ଗ୍ରହଣ ଯୋଗ୍ୟ ହୋଇଥିବ ଏବଂ ଗୋଷ୍ଠି ସ୍ତରରେ ତାଙ୍କୁ ସମସ୍ତେ ସମ୍ମାନ କରୁଥିବେ ଓ ମାନୁଥିବେ

➢ ଶିଶୁ ସୁରକ୍ଷା କମିଟି ପାଇଁ ସ୍ୱେଚ୍ଛାକୃତ ଭାବେ ସମୟ ଦେଇପାରୁଥିବା ବ୍ୟକ୍ତି

➢ କମିଟି ଗଠନ ହେବାକୁ ଥିବା ଗ୍ରାମର ବ୍ୟକ୍ତି ହୋଇଥିବେ

➢ ଶିଶୁଙ୍କ ପ୍ରତି ସକରାତ୍ମକ ମନୋଭାବ ପୋଷଣ କରୁଥିବେ

➢ ଶିଶୁଙ୍କ ପ୍ରତି ଚିନ୍ତାଶୀଳ ଓ ସ୍ନେହ ମନୋଭାବ ଥିବ

➢ ଶିଶୁ ସୁରକ୍ଷା କମିଟିର ସଦସ୍ୟତା ପାଇଁ ଆଗ୍ରହ ଥିବ

➢ ଶିଶୁମାନଙ୍କ ବିଭିନ୍ନ ପ୍ରସଙ୍ଗ ପ୍ରତି ଆଗ୍ରହ ଓ ପ୍ରତିବଦ୍ଧତା ଥିବ

➢ ଶିଶୁମାନଙ୍କ ସହିତ ବୃତିଗତ ସମ୍ପର୍କ ଥିବା ଯଥା ଶିକ୍ଷକ, ସମନ୍ୱିତ ଶିଶୁ ବିକାଶ କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ପଞ୍ଚାୟତ କର୍ମକର୍ତ୍ତା ଓ ସ୍ୱୟଂ ସହାୟକ ଗୋଷ୍ଠିର ମୁଖ୍ୟ ସଦସ୍ୟ ହୋଇଥିବେ ।

## ଗ୍ରାମ୍ୟ ଓ ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟି ସଦସ୍ୟତା

➢ ପଞ୍ଚାୟତିରାଜ/ପୌରସଂସ୍ଥା ସଦସ୍ୟ ବୃନ୍ଦ
➢ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟା
➢ ଯୁବ ଗୋଷ୍ଠି ସଦସ୍ୟ
➢ ଗୋଷ୍ଠି ମୁଖ୍ୟ / ମୁଖିଆ / ବରିଷ୍ଠ ନାଗରିକ
➢ ଏମ୍‌ଟିଏ / ପିଟିଏ ସଦସ୍ୟ
➢ ଶିକ୍ଷକ
➢ ଏନ୍‌ଜିଓ / ସିଏସ୍‌ଓ ପ୍ରତିନିଧି
➢ ଅଙ୍ଗନବାଡି କର୍ମୀ
➢ ଆଶା କର୍ମୀ
➢ ଶିଶୁ ( ୧୫ରୁ ୧୮ ବର୍ଷ ଭିତିରେ ଜଣେ ବାଳକ ଓ ଜଣେ ବାଳିକା)
➢ ସମାନୁପାତିକ ଭାବେ ମହିଳା ଓ ପୁରୁଷଙ୍କ ପ୍ରତିନିଧିତ୍ୱ
➢ ଅର୍ନ୍ତଭୁକ୍ତି କରଣ

(ଗ୍ରାମ୍ୟ ସ୍ତରରେ ୧୧ ଜଣିଆ ଟିମ୍ ସଦସ୍ୟ)

## ଗ୍ରାମ୍ୟ/ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ଢାଞ୍ଚା

➢ ସଭାପତି
➢ ସମ୍ପାଦକ
➢ ସଦସ୍ୟ ( ୯ ଜଣ)

## ଗ୍ରାମ୍ୟ / ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟିର କାର୍ଯ୍ୟ

➢ ଅବହେଳିତ, ଶୋଷିତ ଓ ଗାଳିମନ୍ଦ ଶୁଣୁଥିବା ସମ୍ବେଦନଶୀଳ ଶିଶୁଙ୍କୁ ଚିହ୍ନଟ କରିବା
➢ ଅବହେଳିତ ଓ ଶୋଷିତ ଶିଶୁଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା
➢ ମାମଲାର ସମୀକ୍ଷା ସହିତ ନିୟମିତ ଭାବେ ସୂଚନା ସଂଗ୍ରହ କରିବା ।
➢ ବିଭିନ୍ନ ସେବା ସହିତ ଯୋଡିହେବା – ପରିବାର ଗୁଡିକ ଯେଭଳି ସେବା ପାଇବେ ତାହା ନିଶ୍ଚିତ କରିବା ।
➢ ଶିଶୁ ସମ୍ପର୍କିତ ମାମଲାର ଚିହ୍ନଟ ସହିତ କେଉଁ ସ୍ଥିତିରେ ରହିଛି ସେ ସଂକ୍ରାନ୍ତରେ ଅବଗତ ହେବା ।
➢ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କର ମଙ୍ଗଳ ପାଇଁ କାର୍ଯ୍ୟ କରିବା ।
➢ ଶିଶୁ ମଙ୍ଗଳ ସମିତି, ପୁଲିସ୍, ଶ୍ରମ, ଶିଶୁ ଚାଲାଣ ରୋକିବାପାଇଁ କାର୍ଯ୍ୟ କରୁଥିବା ସଂସ୍ଥା, ଚାଇଲ୍ଡ୍ ଲାଇନ୍, ଏନ୍‌ଜିଓ ଓ ପଞ୍ଚାୟତିରାଜ ସଂସ୍ଥା ସହିତ ସମନ୍ୱୟ ରକ୍ଷା କରିବା ।
➢ ଗୋଷ୍ଠି ସ୍ତରରେ କୌଣସି ପ୍ରକାର ଶୋଷଣର ଶିକାର ହେଉଥିବା ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦେବା ।
➢ ଗୋଷ୍ଠି ଏବଂ ଅଭିଭାବକମାନଙ୍କୁ ଶିଶୁ ଅଧିକାର ଓ ସୁରକ୍ଷା ସଂକ୍ରାନ୍ତରେ ସଚେତନ କରିବା ।
➢ ସମ୍ବେଦନଶୀଳ ଶିଶୁମାନଙ୍କ ସଂକ୍ରାନ୍ତରେ ସୂଚନା ଏକତ୍ର କରିବା ସହିତ ସେମାନଙ୍କୁ ଚିହ୍ନଟ କରିବା ।
➢ ବିଭିନ୍ନ ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସମ୍ବେଦନଶୀଳ ଶିଶୁ ଓ ସେମାନଙ୍କ ପରିବାରକୁ ଯୋଡିବା ।
➢ ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦେଉଥିବା ବିଭିନ୍ନ ଅନୁଷ୍ଠାନ ଯଥା ଥାନା, ଶିଶୁ ଅଧିକାର କମିଶନ, ମାନବ ଅଧିକାର କମିଶନ, ଶିଶୁ ମଙ୍ଗଳ ସମିତି ଓ ଜୁଭେନାଇ ଜଷ୍ଟିସ ବୋର୍ଡ ସହିତ ସମନ୍ୱୟ ପ୍ରତିଷ୍ଠା କରିବା ।
➢ ଆଇନ୍, କାର୍ଯ୍ୟପାଳିକା, ଯୋଜନା ଓ ବିଭିନ୍ନ ନୀତି ସଂକ୍ରାନ୍ତୀୟ ସୂଚନାର ପ୍ରଚାର କରିବା ।
➢ ହିଂସାରେ ହସ୍ତକ୍ଷେପ କରିବା – ସୂଚନା ଏକାଠି, ଉଦ୍ଧାର, ଆଲୋଚନା, ଥଇଥାନ ଏବଂ ପୁନଃ ଏକତ୍ରୀ କରଣ କରିବା ।
➢ ସମସ୍ୟାର ସମାଧାନ ପାଇଁ ସମ୍ବଳ ବୃଦ୍ଧି / ଏ ସଂକ୍ରାନ୍ତୀୟ ବ୍ୟୟରେ ହସ୍ତକ୍ଷେପ କରିବା ।

- ବିଭିନ୍ନ କାର୍ଯ୍ୟକ୍ଷେତ୍ର, ବିଦ୍ୟାଳୟ, ଖେଳପଡିଆ, ଶିଶୁ ଗୃହ ଏବଂ ଶିଶୁଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ବୈଠକ ସ୍ଥଳକୁ ଗସ୍ତକରି ସେଠାରେ ସଚେତନତା ସୃଷ୍ଟି / ଅନ୍ୟ ଅନୁଷ୍ଠାନ ସହିତ ମିଶି କାର୍ଯ୍ୟ କରିବା ଓ ଆବଶ୍ୟକ ସ୍ଥଳରେ ହସ୍ତକ୍ଷେପ କରିବା ।
- ନିୟମିତ ବୈଠକ - ଅତି କମ୍‌ରେ ମାସକୁ ଥରେ – ଜରୁରୀ ସମୟରେ ଆବଶ୍ୟକ ସ୍ଥଳେ ବୈଠକ ଡାକିବା ।
- ରେଜିଷ୍ଟ୍ରର ଲେଖିବା, ସଂଗୃହୀତ ତଥ୍ୟର ରିପୋର୍ଟ ପ୍ରସ୍ତୁତି ବୈଠକର ବିବରଣୀ ପ୍ରସ୍ତୁତି ଇତ୍ୟାଦି ।
- କମିଟି ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧି କରିବା ।
- ଆବଶ୍ୟକ ସ୍ଥଳେ ଶିଶୁଙ୍କ ସହ ପରାମର୍ଶ, ସ୍ଥିତିର ଅନୁଧ୍ୟାନ ଓ ହସ୍ତକ୍ଷେପ କରିବା ।

## ଗ୍ରାମ୍ୟ / ଓ୍ୱାର୍ଡ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଉତ୍ତମ ପ୍ରଦର୍ଶନ ପାଇଁ ଥିବା ପ୍ରମୁଖ ଦିଗ :

- ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ବୈଠକ ଅନୁଷ୍ଠିତ
- ବୈଠକରେ ସକରାତ୍ମକ ଆଲୋଚନା ଉପରେ ଗୁରୁତ୍ୱ
- ସବୁ ସମୟରେ ବିବରଣୀ ଉପସ୍ଥାପନ
- ମାମଲାକୁ ଅଗ୍ରାଧିକାର ଦେବା ସହିତ ଶେଷ ମାମଲାର ଅନୁଧ୍ୟାନ
- ଉପସ୍ଥାନ ଖାତା ସହିତ ବୈଠକର ବିବରଣୀ ପ୍ରସ୍ତୁତି
- ବୈଠକରେ ଅଂଶଗ୍ରହଣ ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ଦେବା ଏବଂ ସମସ୍ତଙ୍କ ମତକୁ ସମ୍ମାନ ଦେବା

## କାର୍ଯ୍ୟ ଏବଂ ଦାୟିତ୍ୱବୋଧତା

### ସଭାପତି

- ବୈଠକ ପରିଚାଳନା କରିବା
- ଟିମ୍‌ର ନେତୃତ୍ୱ ନେବା ସହିତ ଦିଗ୍‌ଦର୍ଶନ ଦେବା
- ଆବଶ୍ୟକ ସ୍ଥଳେ ସକ୍ରୀୟ ପଦକ୍ଷେପ ଗ୍ରହଣ କରିବା
- କୌଣସି ଜରୁରୀ ମାମଲାରେ ତୁରନ୍ତ ବୈଠକ ଡାକିବା
- ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ସହିତ ସମନ୍ୱୟ ରକ୍ଷା କରିବା

### ସମ୍ପାଦକ

- ନିୟମିତ ବ୍ୟବଧାନରେ ବୈଠକ ଲାଗି ସମନ୍ୱୟ ରକ୍ଷା କରିବା
- ବୈଠକ ସଂକ୍ରାନ୍ତରେ ନୋଟିସ୍ ଜାରି କରିବା ସହିତ ବୈଠକର କାର୍ଯ୍ୟସୂଚୀ ସଂକ୍ରାନ୍ତରେ ସଦସ୍ୟଙ୍କୁ ଆଗୁଆ ଅବଗତ କରିବା
- ପ୍ରତ୍ୟେକ ବୈଠକର ବିବରଣୀ ଓ ନିଷ୍କର୍ଷ ଆଦି ପ୍ରସ୍ତୁତ ସହିତ ସଭ୍ୟମାନଙ୍କର ଉପସ୍ଥିତିକୁ ରେକର୍ଡ କରିବା ।
- ଆବଶ୍ୟକ ସ୍ଥଳେ ପ୍ରମୁଖ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ସହିତ ସମନ୍ୱୟ ରକ୍ଷା କରିବା

# ବାଲ୍ୟ ବିବାହ ଉପରେ ପ୍ରଶ୍ନ

**୧. ବାଲ୍ୟ ବିବାହର କାରଣ ଗୁଡିକ କଣ ?**

ଇତିହାସରେ ବାଲ୍ୟ ବିବାହ ଥିବାବେଳେ ଏବେ ବି ବିଭିନ୍ନ କାରଣ ଯୋଗୁଁ ଏହା ଜାରି ରହିଛି ।

- ଦାରିଦ୍ର୍ୟ
- ଅସୁରକ୍ଷିତ
- ରାଜନୈତିକ ଓ ଆର୍ଥିକ କାରଣ
- ଶିକ୍ଷାର ଅଭାବ
- ପୁରୁଷ ପ୍ରଧାନ ବ୍ୟବସ୍ଥା ଓ ଲିଙ୍ଗଗତ ଅସମାନତା
- ଆଇନ୍ ଠିକଣା ଭାବେ କାର୍ଯ୍ୟକାରୀ ନହେବା

**୨. ବାଲ୍ୟ ବିବାହ ସାଧାରଣ କି ?**

ବର୍ତ୍ତମାନ ବିଶ୍ୱରେ ବସବାସ ୬୫୦ ନିୟୁତ ମହିଳା ଓ ବାଳିକା ସେମାନଙ୍କୁ ୧୮ବର୍ଷ ବୟସ ହେବା ପୂର୍ବରୁ ବିବାହ କରିସାରିଛନ୍ତି । ବିଶ୍ୱରେ ଥିବା ୨୦ରୁ ୨୪ବର୍ଷ ବୟସର ୨୧ ପ୍ରତିଶତ ମହିଳା କମ୍ ବୟସରେ ବଧୂ ସାଜିଥାନ୍ତି । ବାଲ୍ୟ ବିବାହ ସାଧାରଣତଃ ଅଳ୍ପ ଓ ମଧ୍ୟମ ଆୟକାରୀ ଦେଶରେ ହେଉଥିବାବେଳେ ଉଚ୍ଚ ଆୟକାରୀ ଦେଶରେ ଏହା ମଧ୍ୟ ଘଟିଥାଏ । ୧୫ବର୍ଷ ବୟସରୁ କମ୍ ବୟସର ଝିଅଙ୍କ କ୍ଷେତ୍ରରେ ବାଲ୍ୟ ବିବାହର ହାର ହ୍ରାସ ପାଉଛି । ୨୦୦୦ ମସିହାରେ ଏହା ୧୧ ପ୍ରତିଶତ ଥିବାବେଳେ ୨୦୧୭ରେ ୫ ପ୍ରତିଶତକୁ କମିଛି । ବର୍ତ୍ତମାନ ସୁଦ୍ଧା କିନ୍ତୁ ଏହା ଦ୍ରୁତ ଗତିରେ ହ୍ରାସ ପାଉନାହିଁ । କାରଣ ଯେଉଁଠାରେ ବାଲ୍ୟ ବିବାହ ପ୍ରଥା ରହିଛି ସେଠାରେ ଜନସଂଖ୍ୟା ବୃଦ୍ଧି ଏହାର ମୁଖ୍ୟ କାରଣ ହୋଇଛି । ବିଶେଷକରି ପୂର୍ବ ଓ କେନ୍ଦ୍ରୀୟ ଆଫ୍ରିକାରେ ବାଲ୍ୟ ବିବାହ ପ୍ରଥା ମନ୍ଥର ଗତିରେ ହ୍ରାସ ପାଉଥିବାବେଳେ ୨୦୩୦ ସୁଦ୍ଧା ଏହା ମୋଟାମୋଟି ଭାବେ ବୃଦ୍ଧିପାଇବ ବୋଲି ଆକଳନ କରାଯାଉଛି ।

**୩. ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ବାଲ୍ୟ ବିବାହ ରୋକିବାପାଇଁ କ'ଣ ସବୁ ବ୍ୟବସ୍ଥା ରହିଛି ?**

ବାଲ୍ୟ ବିବାହ ନିଷେଧ ଆଇନ୍ (ପିସିଏମ୍ଏ) ୨୦୦୬ : ଏହି ଆଇନ୍ ବିଧିବଦ୍ଧ ଭାବେ ବାଲ୍ୟ ବିବାହକୁ ରୋକିଥାଏ । ଏହି ଆଇନ୍ ମଧ୍ୟ ୨୧ବର୍ଷ ବୟସରୁ କମ୍ ବୟସର ପୁଅ ଓ ୧୮ ବର୍ଷ ବୟସରୁ କମ୍ ବୟସର ଝିଅଙ୍କୁ ବିବାହରୁ ବାରଣ କରିଥାଏ ।

**୪. ଆଇନ୍‌ର ମୁଖ୍ୟ ସଜ୍ଞା ଗୁଡିକ କ'ଣ ?**

ଏହି ଆଇନ୍‌ରେ ଥିବା ମୁଖ୍ୟ ସଜ୍ଞା : ଆଇନ୍‌ର ଧାରା ୨ରେ ଥିବା ବ୍ୟବସ୍ଥା ଅନୁଯାୟୀ ୧୮ ବର୍ଷ ବୟସରୁ କମ୍ ବାଳିକା ଓ ୨୧ ବର୍ଷ ବୟସରୁ କମ୍ ବୟସର ବାଳକଙ୍କ ବିବାହ ସମ୍ପୂର୍ଣ୍ଣ ନିଷେଧ ଅଟେ ।

**୫. କେଉଁମାନେ ମୁଖ୍ୟ ଆଇନ୍ ଖିଲାପକାରୀ ?**

- ପିତାମାତା କିମ୍ବା ଅଭିଭାବକ
- ପୂଜକ
- ଉଭୟ ପକ୍ଷର ସମ୍ପର୍କୀୟ ଓ ବନ୍ଧୁ ବାନ୍ଧବ
- ଉଭୟ ପକ୍ଷର ପଡୋଶୀ
- ଏଭଳି ବିବାହକୁ ପ୍ରୋତ୍ସାହିତ କରୁଥିବା ଗୋଷ୍ଠି ମୁଖ୍ୟ
- ବିବାହ ସ୍ଥିର କରିଥିବା ବୈବାହିକ ସଂସ୍ଥା/ବ୍ୟକ୍ତି ବିଶେଷ
- ଚାଲାଣକାରୀ, ଯଦି ବର କନ୍ୟାଙ୍କ ବୟସ ୧୮ବର୍ଷରୁ ଅଧିକ ହୋଇଥାଏ

**୬. କିଏ ମୁଖ୍ୟ କର୍ତ୍ତୃପକ୍ଷ ?**

- ବାଲ୍ୟ ବିବାହ ନିଷେଧ ଅଧିକାରୀ
- ଜିଲ୍ଲା ମାଜିଷ୍ଟ୍ରେଟ
- ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କିମ୍ବା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ
- ପୁଲିସ୍
- ପରିବାର ଅଦାଲତ
- ରାଜ୍ୟ ସରକାର କୌଣସି ବ୍ୟକ୍ତିଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କୁ ସହାୟତା ପାଇଁ ରଖିପାରିବେ –

ଉକ୍ତ ବ୍ୟକ୍ତିଙ୍କର ସ୍ଥାନୀୟ ଅଞ୍ଚଳର ଦାୟିତ୍ୱ ସମ୍ପନ୍ନ ଓ ସମାଜସେବା କ୍ଷେତ୍ରରେ ଅଭିଜ୍ଞତା ଥିବ, ଗ୍ରାମ ପଞ୍ଚାୟତ କିମ୍ବା ପୌର ସଂସ୍ଥାର ଅଧବକାରୀ, ସରକାରୀ ରାଷ୍ଟ୍ରାୟତ ସଂସ୍ଥାର ଅଧିକାରୀ କିମ୍ବା କୌଣସି ବେସରକାରୀ ସଂସ୍ଥାର ଦପ୍ତରରେ କାର୍ଯ୍ୟକରୁଥିବା ବ୍ୟକ୍ତି ହୋଇଥିବେ ।

**୭. ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬ ରେ ଥିବା ପ୍ରମୁଖ ବୈଶିଷ୍ଟ ଗୁଡିକ କଣ ?**

- ବାଲ୍ୟ ବିବାହ ହେଉଛି ଦଣ୍ଡନୀୟ ଏବଂ ଜାମିନ ବିହୀନ ଅପରାଧ (ଧାରା ୧୫)
- ବୟସ୍କ ବ୍ୟକ୍ତି ୧୮ ବର୍ଷ ବୟସରୁ କମ୍ ବୟସର ବାଳିକାଙ୍କୁ ବିବାହ କଲେ ଦୁଇବର୍ଷ ଜେଲ୍ ଓ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ।
- ଯଦି କୌଣସି ବ୍ୟକ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ବାଲ୍ୟ ବିବାହରେ ଜଡିତ ଥିବେ ତେବେ ତାଙ୍କୁ ୨ବର୍ଷ ଜେଲ୍ ଦଣ୍ଡ କିମ୍ବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡ ମିଳିବ ।
- ଯଦି କୌଣସି ବ୍ୟକ୍ତି ବାଲ୍ୟ ବିବାହକୁ ବିଧିବଦ୍ଧ ଭାବେ ପ୍ରୋତ୍ସାହନ ପାଇଁ ଅନୁମତି ଦେଇଥିବେ ତେବେ ତାଙ୍କୁ ୨ବର୍ଷ ଜେଲ୍ ଦଣ୍ଡ କିମ୍ବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡ ମିଳିବ ।

- ଯଦି କୌଣସି ବ୍ୟକ୍ତି ସିଧାସଳଖ କିମ୍ବା ପରୋକ୍ଷ ଭାବେ ବାଲ୍ୟ ବିବାହରେ ସମ୍ପୃକ୍ତ ରୁହନ୍ତି ତେବେ ତାଙ୍କୁ ୨ବର୍ଷର କଠୋର ଜେଲ୍ ଦଣ୍ଡ ସହିତ ଅର୍ଥ ଦଣ୍ଡର ବ୍ୟବସ୍ଥା ରହିଛି ଯାହାକୁ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ ଅଥବା ଉଭୟ ଦଣ୍ଡ ମିଳିପାରେ ।
- ବାଲ୍ୟ ବିବାହ ପ୍ରୋତ୍ସାହନ /ଅନୁମତି ପାଇଁ ଦଣ୍ଡ ବ୍ୟବସ୍ଥା : ଶିଶୁ ଦ୍ୱାରା ଅଭିଯୋଗ ହୋଇଥିବା କୌଣସି ବ୍ୟକ୍ତି ଏପରିକି ପିତାମାତା କିମ୍ବା ଅଭିଭାବକ କିମ୍ବା କୌଣସି ସଂଗଠନର ସଦସ୍ୟ କିମ୍ବା ବାଲ୍ୟ ବିବାହକୁ ଅନୁମତି ଦେଇଥିବା କୌଣସି ବ୍ୟକ୍ତି, ଏପରିକି ବିବାହରେ ଅଂଶଗ୍ରହଣ ଓ ସଂଯୋଗ କରିଥିବା ବ୍ୟକ୍ତିଙ୍କୁ ୨ବର୍ଷର କଠୋର ଜେଲ୍ ଦଣ୍ଡ ସହିତ ଅର୍ଥ ଦଣ୍ଡର ବ୍ୟବସ୍ଥା ରହିଛି ଯାହାକୁ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ ଅଥବା ଉଭୟ ଦଣ୍ଡ ମିଳିପାରେ ।

**୮. ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ କାର୍ଯ୍ୟ (ଧାରା ୧୬)**

- ବାଲ୍ୟ ବିବାହକୁ ରୋକିବା ସହିତ କ୍ଷତିଗ୍ରସ୍ତଙ୍କୁ ସୁରକ୍ଷା ଏବଂ ଆଇନ୍ ଭଙ୍ଗକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ବାଲ୍ୟ ବିବାହ ବିରୁଦ୍ଧରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । (ଧାରା ୧୬)
- ବାଲ୍ୟ ବିବାହରେ ଜଡିତ ଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ପାଇଁ ସୂଚନା ଓ ପ୍ରମାଣ ଯୋଗାଡ କରିବା ।
- ବାଲ୍ୟ ବିବାହରେ କ୍ଷତିଗ୍ରସ୍ତ ଶିଶୁଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ।
- ଶିଶୁଙ୍କୁ ଆଇନ୍‌ଗତ ସହାୟତା ଯୋଗାଇବୋ ସହିତ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରିବା ।
- ଯେଉଁଠାରେ ଏହି କମିଟି ନଥିବ ସେଠାରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ଉପସ୍ଥାପିତ କରିବେ ।

**୯. ବାଲ୍ୟ ବିବାହ ସଂକ୍ରାନ୍ତରେ ଅବଗତ କରିବା**

- କୌଣସି ବ୍ୟକ୍ତି ବାଲ୍ୟ ବିବାହ ହେବା ପୂର୍ବରୁ କିମ୍ବା ପରେ ଘଟଣା ସଂକ୍ରାନ୍ତରେ ସୂଚନା ଦେଇପାରିବେ ।
- ଅଭିଯୋଗକାରୀ ଏ ସଂକ୍ରାନ୍ତରେ ପୁଲିସ୍, ବାଲ୍ୟ ବିବାହ ନିଷେଧ ଅଧିକାରୀ କିମ୍ବା ସେମାନଙ୍କୁ ସହାୟତା ଦେବାପାଇଁ ନିଯୁକ୍ତି ପାଇଥିବା ବ୍ୟକ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କିମ୍ବା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ, ଶିଶୁ ମଙ୍ଗଳ ସମିତି କିମ୍ବା ଜୁଭେନାଇଲ ଜଷ୍ଟିସ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା)ଆଇନ୍ ୨୦୧୫, ଚାଇଲ୍ଡ୍ ଲାଇନ୍ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଶିଶୁ ମଙ୍ଗଳ କମିଟି ନିକଟରେ ଅଭିଯୋଗ ଦରଜ କରିପାରିବେ ।
- କୌଣସି ବ୍ୟକ୍ତି ବାଲ୍ୟ ବିବାହ ସଂକ୍ରାନ୍ତରେ ସୂଚନା ପାଇଲେ ଲିଖିତ କିମ୍ବା ନିଜ ନାମ ଗୋପନ ରଖି ସମ୍ପୃକ୍ତ ଅଧିକାରୀଙ୍କୁ ଟେଲିଫୋନ୍ ମାଧ୍ୟମରେ ଅଭିଯୋଗ କରି ପାରିବେ ।
- ଚାଇଲ୍ଡ୍ ଲାଇନ୍‌ର ୧୦୯୮ ମାଗଣା ଟେଲିଫୋନ୍ ନମ୍ବରରେ ମଧ୍ୟ ଫୋନ୍ କରିପାରିବେ ।
- ନିକଟସ୍ଥ ଥାନାରେ ଅଭିଯୋଗ କରିପାରିବେ ।

୧୦. ସଂଖ୍ୟାଧିକ ବାଲ୍ୟ ବିବାହରେ ବାଳିକାମାନେ ସମ୍ପୃକ୍ତ ଥିବାବେଳେ ବାଳକମାନେ ମଧ୍ୟ କେତେକ ସ୍ଥାନରେ ଜଡିତ ଥାନ୍ତି । ତେବେ ୟୁଏନ୍ଏଫ୍‌ପିଏ ଜାଣିବାକୁ ପାଇଛି ଯେ ୮୨ଟି ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ବାଳକମାନଙ୍କ ତୁଳନାରେ ବାଳିକାମାନେ ଅଧିକ ସଂଖ୍ୟାରେ ବାଲ୍ୟ ବିବାହକରିଥାନ୍ତି । କେବଳ ୧୮ବର୍ଷରୁ କମ୍ ୨୫ଜଣ ପୁଅଙ୍କ ମଧ୍ୟରୁ ଜଣେ ବାଲ୍ୟ ବିବାହ କରିଥାନ୍ତି ଯାହାକି ୩.୮ ପ୍ରତିଶତ ଅଟେ । ସେହିଭଳି ୧୫ ବର୍ଷ ବୟସ ପୂର୍ବରୁ ୦.୩ ପତିଶତ ବାଳକ ବିବାହ କରିଥାନ୍ତି । ମାତ୍ର ୧୦ଟି ଦେଶରେ ୧୦ ପ୍ରତିଶତରୁ ଅଧିକ ବାଳକ ବାଲ୍ୟ ବିବାହ କରୁଥିବାବେଳେ ଏଥି ମଧ୍ୟରେ ମାଡଗାସ୍କରର ୧୬ ପ୍ରତିଶତ, ପାକିସ୍ତାନର ୧୪ପ୍ରତିଶତ, କେନ୍ଦ୍ର ରିପବ୍ଲିକ ଆଫ୍ରିକା ଏବଂ ଲାଓ ପିପୁଲ୍‌ସ ଡେମୋକ୍ରାଟିକ ରିପବ୍ଲିକର ୧୩ ପ୍ରତିଶତ, କମରୋସ, ହଣ୍ଡୁରାସ, ଦି ମାର୍ଶାଲ ଆଇଲ୍ୟାଣ୍ଡ ଏବଂ ନାଉରୁରେ ୧୨ ପ୍ରତିଶତ, ନେପାଳରେ ୧୧ ପ୍ରତିଶତ ଏବଂ ଗୁଆଟମାଳାରେ ୧୦ ପ୍ରତିଶତ । ବାଲ୍ୟ ବିବାହ କ୍ଷେତ୍ରରେ ପୁଅ ମାନଙ୍କ ହାର କମ୍ ରହିଛି । ଏପରିକି ବାଲ୍ୟ ବିବାହ କରୁଥିବା ବାଳିକାମାନଙ୍କ ଅଞ୍ଚଳରେ ବି ପୁଅମାନେ କମ୍ ସଂଖ୍ୟାରେ ବାଲ୍ୟ ବିବାହ କରିଥାନ୍ତି ।

**୧୧. ବାଲ୍ୟ ବିବାହର କ୍ଷତିକାରକ ପ୍ରଭାବ କ'ଣ ?**

ବାଲ୍ୟ ବିବାହ ଶିଶୁମାନଙ୍କ ମାନବ ଅଧିକାରକୁ ଦୁର୍ବଳ କରିଦେବା ସହିତ ସେମାନଙ୍କ ଜୀବନର ଗତିପଥ ଓ ଭବିଷ୍ୟତର ସୁଯୋଗକୁ ବଦଳାଇ ଦେଇଥାଏ । ଏହାର ପ୍ରମୁଖ ଦିଗ ହେଲା ପସନ୍ଦ କରିବାର ଅଧିକାରରୁ ସେମାନେ ବଞ୍ଚିତ ହୋଇଥାନ୍ତି । ସେମାନେ କାହାକୁ କେତେବେଳେ ବିବାହ କରିବେ ବିନା ଭୟରେ ସେମାନେ ନିଜର ମତ ରଖିପାରି ନଥାନ୍ତି । ଏହା ଜୀବନର ସବୁଠାରୁ ବଡ ନିଷ୍ପତ୍ତି ହୋଇଥାଏ । ବାଳିକାମାନେ ନିଜ ଶରୀର ବିକଶିତ ହେବା ପୂର୍ବରୁ ଗର୍ଭଧାରଣ କରିଥାନ୍ତି ଯାହା ଫଳରେ ଉଭୟ ମା' ଓ ନବଜାତକ ମୃତ୍ୟୁର ରିସ୍କ ବୃଦ୍ଧି ପାଇଥାଏ । ବିକଶିତ ଦେଶ ଗୁଡିକରେ ୧୦ ଟିରୁ ୯ ଟି ପ୍ରସବ ବୟସ୍କ ବାଳିକାମାନଙ୍କ ବିବାହ ପରେ ହୋଇଥାଏ । ତେବେ ଯେଉଁ ଦେଶଗୁଡିକରେ ସ୍ୱାସ୍ଥ୍ୟ ସେବା ଦୁର୍ବଳ ରହିଛି ସେଠାରେ ଗର୍ଭଧାରଣ ଓ ଶିଶୁଜନ୍ମ ଗୁରୁତର ପ୍ରଭାବିତ ହୋଇଥାଏ । ସମଗ୍ର ବିଶ୍ୱରେ କିଶୋରୀମାନଙ୍କ ମୃତ୍ୟୁ କ୍ଷେତ୍ରରେ ଏହା ଅନ୍ୟତମ କାରଣ ହୋଇଛି । ବାଲ୍ୟ ବିବାହ କରୁଥିବା ବାଳକ ବାଳିକାମାନେ ଏଚ୍‌ଆଇଭି

ସହିତ ଅନ୍ୟ ଗୁରୁତର ଯୌନଗତ ରୋଗରେ ସଂକ୍ରମିତ ହୋଇଥାନ୍ତି । ବାଲ୍ୟ ବିବାହ ଯୋଗୁଁ ଅଧାରୁ ବିଦ୍ୟାଳୟ ଛାଡୁଥିବା ବାଳିକାମାନଙ୍କ ଜୀବନ ଅଧିକ ଦୁର୍ବିସହ ହୋଇପଡେ ସେମାନେ ଯୌନ ସଂକ୍ରମଣ ଓ ଅସମୟ ଗର୍ଭଧାରଣରୁ ନିଜକୁ ସୁରକ୍ଷିତ ରଖିପାରନ୍ତି ନାହିଁ । ବାଲ୍ୟ ବିବାହ କରୁଥିବା ବାଳିକାମାନେ ହିଁ ନିର୍ଦ୍ଦିଷ୍ଟ ଭାବେ ଏହାର ଶିକାର ହୋଇଥାନ୍ତି ।

**୧୨. ବାଲ୍ୟ ବିବାହର ଦୀର୍ଘକାଳୀନ ପ୍ରଭାବ କ'ଣ ?**

ବାଲ୍ୟ ବିବାହ ବାଳିକାମାନଙ୍କ ଶିକ୍ଷାଦାନକୁ ସଙ୍କୁଚିତ କରିଥାଏ । ଯେତେବେଳେ ମହିଳା ଓ ବାଳିକାମାନେ ଶିକ୍ଷାଦାନରୁ ବଞ୍ଚିତ ହୋଇଥାନ୍ତି ସେତେବେଳେ ସେମାନଙ୍କ ଆର୍ଥିକ ସୁଯୋଗ ମଧ୍ୟ ସଙ୍କୁଚିତ ହୋଇଥାଏ, ଦାରିଦ୍ର୍ୟ ମଧ୍ୟରେ ସେମାନେ କାଳତିପାତ କରିଥାନ୍ତି ଯାହା କି ସେମାନଙ୍କ ସନ୍ତାନ ସନ୍ତତିଙ୍କ ଶିକ୍ଷାଗ୍ରହଣ ସୁଯୋଗ ମଧ୍ୟ ସଙ୍କୁଚିତ ହୋଇଥାଏ । ଫଳସ୍ୱରୂପ ସେମାନଙ୍କର ଅର୍ଥନୀତି ମଧ୍ୟ ଦୁର୍ବଳ ହୋଇଥାଏ ।

**୧୩. ୧୮ ବର୍ଷ ପୂର୍ବରୁ ବିବାହ କରୁଥିବା ବାଳିକାମାନେ ଘରୋଇ ହିଂସା କ୍ଷେତ୍ରରେ ଅଧିକ ସମ୍ବେଦନଶୀଳ ହୋଇଥାନ୍ତି କି ?**

କମ ପାଠ ପଢିଥିବା ଏବଂ ୧୫-୧୯ ବର୍ଷ ବୟସ ମଧ୍ୟରେ ବିବାହ କରୁଥିବା ବାଳିକାମାନେ ବୟସ୍କ ଓ ଅଧିକ ପାଠ ପଢିଥିବା ମହିଳାଙ୍କ ତୁଳନାରେ ଅଧିକ ଘରୋଇ ହିଂସାର ଶିକାର ହୋଇଥାନ୍ତି । ସମଗ୍ର ବିଶ୍ୱରେ ୧୮ ବର୍ଷ ବୟସ ପୂର୍ବରୁ ବିବାହ କରୁଥିବା ବାଳିକାମାନେ ସାରାଜୀବନ ସେମାନଙ୍କ ସ୍ୱାମୀଙ୍କ ଠାରୁ ୫୦ପ୍ରତିଶତ ଅଧିକ ଶାରିରୀକ ଓ ଯୌନ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି । ୧୮ ବର୍ଷ ବୟସ ପୂର୍ବରୁ ବିବାହ କରିଥିବା ବାଳିକାମାନେ ସେମାନଙ୍କର ପ୍ରଥମ ଯୌନ ସମ୍ପର୍କ ଜୋର ଜବରଦସ୍ତ ହୋଇଥିବା ଦର୍ଶାଇଛନ୍ତି । କାରଣ ସର୍ବାଧିକ ବାଲ୍ୟ ବିବାହ କମ୍ ବୟସର ବାଳିକାଙ୍କ ସହିତ ବୟସ୍କ ଲୋକଙ୍କର ହିଁ ହୋଇଥାଏ । ଏହାଦ୍ୱାରା ସେମାନଙ୍କର ସମ୍ପର୍କ ଓ କ୍ଷମତା ମଧ୍ୟରେ ତାଳମେଳ ନରହି ଏହା ଘରୋଇ ହିଂସାର ରୂପ ନେଇଥାଏ ।

**୧୪. ବାଲ୍ୟ ବିବାହ ବାଳିକା କିମ୍ବା ମହିଳାଙ୍କୁ ଦାରିଦ୍ର୍ୟତା ଭିତରେ ରହିବାକୁ ଦେଇଥାଏ କି ?**

ସମଗ୍ର ବିଶ୍ୱରେ ଦାରିଦ୍ର୍ୟତା ହେଉଛି ବାଲ୍ୟ ବିବାହର ଅନ୍ୟତମ ପ୍ରମୁଖ କାରଣ । ବାଳିକାଟି ସେତେବେଳେ କମ୍ ବୟସରେ ବିବାହ କରିଥାଏ ଯେତେବେଳେ ତାହାର ପିତାମାତା ତାକୁ ପାଠପଢାଇ ପାରନ୍ତି ନାହିଁ ଏପରିକି ସାନିଟାରୀ ପ୍ୟାଡ ଭଳି ଆବଶ୍ୟକ ସାମଗ୍ରୀ ମଧ୍ୟ ଯୋଗାଇ ପାରିନଥାନ୍ତି । ଏଭଳି କାରଣ ଯୋଗୁଁ ଦାରିଦ୍ର୍ୟରେ ଥିବା ବାଳିକାମାନେ ବାଲ୍ୟ ବିବାହ କରିଥାନ୍ତି । ଦାରିଦ୍ର୍ୟରେ ରହୁଥିବା ବାଳିକାମାନେ ସମ୍ପନ୍ନ ପରିବାର ତୁଳନାରେ ଅଧିକ ସଂଖ୍ୟାରେ ବାଲ୍ୟ ବିବାହ ପାଇଁ ବାଧ୍ୟ ହୋଇଥାନ୍ତି । ବାଲ୍ୟ ବିବାହ ପରେ ଉଚ୍ଚଶିକ୍ଷା ଲାଭ କରିବା ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ହେବା ସମ୍ଭବ ହୋଇନଥାଏ । ଏହା ଉକ୍ତ ବାଳିକା ଓ ସେମାନଙ୍କ ପରିବାର, ଏପରିକି ସମ୍ପୃକ୍ତ ଅଞ୍ଚଳକୁ ଦାରିଦ୍ର୍ୟତା ଭିତରକୁ ନେଇଯାଇଥାଏ ଏବଂ ପରବର୍ତ୍ତୀ ପୀଢି ମଧ୍ୟ ଏଥିରେ ଆକ୍ରାନ୍ତ ହୋଇଥାନ୍ତି

**୧୫. ବାଲ୍ୟ ବିବାହକୁ କିପରି ରୋକିପାରିବା ?**

- ➢ ଝିଅମାନଙ୍କୁ ଶିକ୍ଷିତ କରିବା
- ➢ ଝିଅମାନଙ୍କୁ ସଶକ୍ତିକରଣ କରିବା
- ➢ ଗୋଷ୍ଠିକୁ ଝିଆମାନଙ୍କର ଅଧିକାର ପାଇଁ ସକ୍ରିୟ କରିବା
- ➢ ଝିଅ ଓ ସେମାନଙ୍କ ପରିବାରକୁ ଆର୍ଥିକ ଭାବେ ସ୍ୱଚ୍ଛଳ କରିବାକୁ ଚେଷ୍ଟା କରିବା
- ➢ ବାଲ୍ୟ ବିବାହ ଆଇନ୍ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା

## ଯୌନ ଅପରାଧରୁ ଶିଶୁମାନଙ୍କୁ ସୁରକ୍ଷା, ୨୦୧୨

**୧. ପୋକ୍‌ସୋ କ'ଣ ?**

- ➢ ପୋକ୍‌ସୋ ହେଉଛି ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ୍, ୨୦୧୨ । ଏହି ଆଇନ୍‌ର ଲକ୍ଷ୍ୟ ହେଉଛି ପିଲାମାନଙ୍କୁ ବୟସ୍କଙ୍କଠାରୁ ରକ୍ଷା କରିବା । ଏହା ୧୮ ବର୍ଷରୁ କମ୍ ସମସ୍ତ ପିଲା କିମ୍ବା ଉଭୟ ଲିଙ୍ଗଙ୍କୁ ଅନ୍ତର୍ଭୁକ୍ତ କରେ ।
- ➢ ଶିଶୁ ଯୌନ ଶୋଷଣ ମାମଲାର ମୁକାବିଲା ପାଇଁ ସରକାର ଏକ ସ୍ୱତନ୍ତ୍ର ଆଇନ ଆଣିଛନ୍ତି, ଯଥା ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା (ପୋସ୍‌କୋ) ଅଧିନିୟମ, ୨୦୧୨ । ଏହି ନିୟମ ୧୪ ନଭେମ୍ବର, ୨୦୧୨ ଠାରୁ ଲାଗୁ ହୋଇଛି । ଏଥି ସହିତ ନିୟମ ସେଠାରେ ଫ୍ରେମ୍ ହୋଇଛି ।
- ➢ ପିଲାମାନଙ୍କୁ ଯୌନ ନିର୍ଯାତନା, ଯୌନ ଉତ୍ପୀଡ଼ନ ଏବଂ ଅଶ୍ଳୀଳ ଅପରାଧରୁ ରକ୍ଷା କରିବା ଏବଂ ଏହି ଅପରାଧର ବିଚାର ପାଇଁ ଶିଶୁ ଅନୁକୂଳ ବ୍ୟବସ୍ଥା ଯୋଗାଇବା ପାଇଁ ପୋସ୍‌କୋ ପ୍ରଣୟନ କରାଯାଇଥିଲା । ଶିଶୁମାନଙ୍କ ଉପରେ ଯୌନ ଅପରାଧର ବୃଦ୍ଧି ଘଟଣାକୁ ଏକ ପୃଥକ ଆଇନ ମାଧ୍ୟମରେ ସମାଧାନ କରିବାକୁ ପଡିବ, ଯେହେତୁ ଭାରତୀୟ ଦଣ୍ଡବିଧି ସଂହିତା ଶିଶୁ, ବିଶେଷକରି ବାଳକମାନଙ୍କ ଉପରେ ଯୌନ ଅପରାଧ ପାଇଁ ବିଶେଷ ଭାବରେ ଦୃଷ୍ଟି ଦେଇନାହିଁ ।

**୨. ଆଇନ ଅନୁଯାୟୀ ଶିଶୁ ବୟସ ?**

ଏହି ନିୟମ ଏକ ଶିଶୁକୁ ଅଠର ବର୍ଷରୁ କମ୍ ବୟସର ବ୍ୟକ୍ତି ଭାବରେ ବାଖ୍ୟା କରେ

**୩. ଆଇନର କିଛି ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ?**

➢ ଏହା ଲିଙ୍ଗ ନିରପେକ୍ଷ ନିୟମ

➢ ରିପୋର୍ଟିଂ, ରେକର୍ଡିଂ ଏବଂ ଟ୍ରାଏଲ୍ ପାଇଁ ଶିଶୁର ସର୍ବୋତ୍ତମ ଆଗ୍ରହକୁ ସର୍ବୋଚ୍ଚ ପ୍ରାଥମିକତା ଭାବରେ ରଖିବା ପାଇଁ ଶିଶୁ ଅନୁକୂଳ ପ୍ରକ୍ରିୟା ପ୍ରଦାନ କରେ।

➢ ଦିଆଯାଉଥିବା ଯୌନ ନିର୍ଯ୍ୟାତନା ସଂକ୍ରାନ୍ତରେ ଅଭିଯୁକ୍ତଙ୍କ ଉପରେ ପ୍ରମାଣର ଭାର ରହିଛି।

➢ ଏହା ସମସ୍ତ ପ୍ରକାର ଯୌନ ନିର୍ଯାତନାର ତାଲିକାଭୁକ୍ତ କରେ, ଯେଉଁଥିରେ ସ୍ପର୍ଶ ଏବଂ ସ୍ପର୍ଶ ନକରି ଆଚରଣ/ଅଙ୍ଗଭଙ୍ଗୀ ଅନ୍ତର୍ଭୁକ୍ତ।

➢ ଶିଶୁ ଯୌନ ଶୋଷଣ ମାମଲା ରିପୋର୍ଟ କରିବା ବାଧ୍ୟତାମୂଳକ କରିଥାଏ।

➢ ଯୌନ ଅପରାଧର ବାଧ୍ୟତାମୂଳକ ରିପୋର୍ଟ ପାଇଁ ମଧ୍ୟ ବ୍ୟବସ୍ଥା ପ୍ରଦାନ କରାଯାଇଛି। ଏହା ସେହି ବ୍ୟକ୍ତିଙ୍କ ଉପରେ ଏକ ଆଇନଗତ କର୍ତ୍ତବ୍ୟ ବହନ କରେ ଯାହାର ଜ୍ଞାନ ଅଛି ଯେ ଅପରାଧ ବିଷୟରେ ଜଣାଇବା ପାଇଁ ଜଣେ ଶିଶୁ ଯୌନ ଶୋଷଣର ଶିକାର ହୋଇଛି; ଯଦି ସେ ତାହା କରିବାରେ ବିଫଳ ହୁଅନ୍ତି, ତେବେ ତାଙ୍କୁ ଛଅ ମାସ କାରାଦଣ୍ଡ ଏବଂ / କିମ୍ବା ଜୋରିମାନା ସହିତ ଦଣ୍ଡିତ କରାଯାଇପାରେ।

➢ ରିପୋର୍ଟ ଗ୍ରହଣ କରିବାର ୨୪ ଘଣ୍ଟା ମଧ୍ୟରେ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମଧ୍ୟ ପୋଲିସର ଆବଶ୍ୟକ, ତେଣୁ ସିଡବ୍ଲ୍ୟୁସି ଶିଶୁର ସୁରକ୍ଷା ତଥା ନିରାପତ୍ତା ପାଇଁ ଅଧିକ ବ୍ୟବସ୍ଥା କରିପାରେ।

➢ ଡାକ୍ତରୀ ପରୀକ୍ଷା ପାଇଁ ନିୟମ ପ୍ରଣୟନ କରେ ଯାହା ପିତାମାତା କିମ୍ବା ଅନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏବଂ ଶିଶୁଙ୍କ ଉପରେ, ଏବଂ ଝିଅ ପିଲାଙ୍କ କ୍ଷେତ୍ରରେ, ଜଣେ ମହିଳା ଡାକ୍ତରଙ୍କ ଦ୍ୱାରା କରାଯିବ।

➢ ଆଇନ୍ ଦର୍ଶାଉଛି ଯେ ସ୍ୱତନ୍ତ୍ର ଅଦାଲତରେ ଯାହା ଟ୍ରାଏଲ୍ ଇନ୍-କ୍ୟାମେରାରେ ଏବଂ ଶିଶୁର ପରିଚୟ ପ୍ରକାଶ ନକରି, ଶିଶୁ ଅନୁକୂଳ ଢଙ୍ଗରେ ସାକ୍ଷ୍ୟ ଦେବା ସମୟରେ ଶିଶୁର ପିତାମାତା କିମ୍ବା ଅନ୍ୟ ବିଶ୍ୱସ୍ତ ବ୍ୟକ୍ତି ଉପସ୍ଥିତ ଥାଇପାରନ୍ତି ଏବଂ ପ୍ରମାଣ ଦେବାବେଳେ ଜଣେ ଅନୁବାଦକ, ସ୍ୱତନ୍ତ୍ର ଶିକ୍ଷାବିତ୍ କିମ୍ବା ଅନ୍ୟ ବୃତ୍ତିଗତଙ୍କ ସହାୟତା ପାଇଁ ଆହ୍ୱାନ କରିଥାନ୍ତି; ଆହୁରି ମଧ୍ୟ, ଶିଶୁକୁ କୋର୍ଟରେ ସାକ୍ଷ୍ୟ ଦେବା ପାଇଁ ବାରମ୍ବାର ଡକାଯିବ ନାହିଁ ଏବଂ

➢ କୋର୍ଟ ରୁମ୍ ଅପେକ୍ଷା ଭିଡିଓ-ଲିଙ୍କ୍ ମାଧ୍ୟମରେ ସାକ୍ଷ୍ୟ ଦେଇପାରନ୍ତି।

➢ ଉକ୍ତ ଆଇନରେ ଦର୍ଶାଯାଇଛି ଯେ ଅପରାଧ ରିପୋର୍ଟ ହେବା ଦିନଠାରୁ ଏକ ବର୍ଷ ମଧ୍ୟରେ ଏକ ମାମଲା ସମାଧାନ ହେବା ଆବଶ୍ୟକ। ଯୌନ ଶୋଷଣର ଶିକାର ହୋଇଥିବା ଶିଶୁକୁ ଦିଆଯିବାକୁ ଥିବା କ୍ଷତିପୂରଣର ପରିମାଣ ନିର୍ଣ୍ଣୟ କରିବାକୁ ଏହା ସ୍ୱତନ୍ତ୍ର ଅଦାଲତରେ ମଧ୍ୟ ପ୍ରଦାନ କରାଯାଇଛି, ଯାହା ଦ୍ୱାରା ଏହି ଟଙ୍କା ଶିଶୁର ଚିକିତ୍ସା ଏବଂ ପୁନଃ ଥଇଥାନ ପାଇଁ ବ୍ୟବହାର କରାଯାଇପାରିବ।

**୪. ପୋସ୍କୋ ଆଇନ୍‌ରେ ଥିବା ବୈଶିଷ୍ଟ ?**

➢ ଶିଶୁ ଅନୁକୂଳ ପ୍ରକ୍ରିୟା

➢ ଅନୁସନ୍ଧାନ ପ୍ରକ୍ରିୟା ସମୟରେ ଶିଶୁକୁ ପୋଲିସ୍ ସୁରକ୍ଷା ଦିଆଯାଏ

➢ ଜରୁରୀକାଳୀନ ଚିକିତ୍ସା ସୁବିଧା ପାଇପାରିବେ

➢ ଶିଶୁର ପୁନଃ ଅପରାଧ ପୀଡାକୁ ଏଡାଇବା ପାଇଁ ଯତ୍ନ ଏବଂ ସୁରକ୍ଷା-ବ୍ୟବସ୍ଥା

➢ ଶିଶୁର କ୍ଷତିପୂରଣ ସ୍ଥିର କରିବାକୁ ସ୍ୱତନ୍ତ୍ର କୋର୍ଟ

➢ ଭିଡିଓ-ଲିଙ୍କ୍ ମାଧ୍ୟମରେ ସାକ୍ଷ୍ୟ ଦେଇପାରିବେ

➢ ରିପୋର୍ଟର ଏକ ବର୍ଷ ମଧ୍ୟରେ ସିଏସ୍‌ଏ ମାମଲା ସମାଧାନ ହେବା ଉଚିତ୍

➢ ଦଣ୍ଡ

**୫. ପୋସ୍କୋ ଅଧୀନରେ ଅପରାଧ**

➢ ଯୌନ ନିର୍ଯାତନା (ଧାରା, ୩))

➢ ଗୁରୁତର ଯୌନ ନିର୍ଯାତନା (ଧାରା ୫)

➢ ଯୌନ ନିର୍ଯାତନା (ଧାରା ୭)

- ଯୌନ ଶୋଷଣ (ଧାରା ୯)
- ଯୌନ ଉତ୍ପୀଡ଼ନ (ଧାରା ୧୧)

**୬. ମୋ ପିଲାକୁ ଦୁର୍ବ୍ୟବହାର କରାଯାଇଛି, କେଉଁଠାରେ ରିପୋର୍ଟ କରାଯିବ ?**

ଆପଣ ୧୦୦ କିମ୍ବା ୧୦୯୮ (ଚାଇଲ୍ଡ୍ ଲାଇନ୍) ଡାଏଲ୍ କରି ସିଧାସଳଖ ପୋଲିସକୁ ରିପୋର୍ଟ କରିପାରିବେ

**୭. ପୋସ୍କୋ ଆଇନ୍‌ର ଆବଶ୍ୟକତା କ'ଣ ?**

କମ୍ ଅସ୍ପଷ୍ଟ ତଥା ଅଧିକ କଠୋର ଆଇନଗତ ବ୍ୟବସ୍ଥା ମାଧ୍ୟମରେ ଯୌନ ଶୋଷଣ ଏବଂ ଶିଶୁମାନଙ୍କର ଯୌନ ଶୋଷଣର ଘୃଣ୍ୟ ଅପରାଧକୁ ସଫଳତାର ସହ ସମାଧାନ କରିବାକୁ ଭାରତ ସଂସଦ ଯୌନ ଅପରାଧରୁ ଶିଶୁ ସୁରକ୍ଷା (ପୋସ୍କୋ) ଆଇନ୍, ୨୦୧୨ ପାସ୍ କରିଛି । ପୋସ୍କୋ ଆଇନ୍ ଏହାକୁ ଡାକ୍ତରଙ୍କ ଓ ସ୍ୱାସ୍ଥ୍ୟସେବା ବିଶେଷଜ୍ଞଙ୍କ ପାଇଁ ଶିଶୁଯୌନ ଅପରାଧକୁ ଜଣାଇବାକୁ ବାଧ୍ୟତାମୂଳକ କରିଛି । ଏହି ଅପରାଧକୁ ଶିଶୁ ସୁରକ୍ଷା ଆୟୋଗରେ ରିପୋର୍ଟ କରିବାରେ ବିଫଳ ହେଲେ କିମ୍ବା ଏହିପରି ଅପରାଧକୁ ରେକର୍ଡ ନକଲେ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ।

**୮. ପୋକ୍‌ସୋ ଜାମିନ ଯୋଗ୍ୟ କି ?**

ନାଁ, ପୋକ୍‌ସୋ ଆଇନ୍‌ର ଧାରା ୧୨ ଅନୁଯାୟୀ ଏହା ଜାମିନ ବିହୀନ ଅପରାଧ ଅଟେ

**୯. ପୋକ୍‌ସୋ ମାମଲାର କିଏ ଅନୁସନ୍ଧାନ କରିପାରିବ ?**

ଆଇପିଏସ୍ ଅଫିସରମାନେ ନିଶ୍ଚିତ କରିଛନ୍ତି ଯେ ପୋକ୍‌ସୋ ଅଧିନିୟମ ଅନୁଯାୟୀ ଘଟୁଥିବା ମାମଲାଗୁଡ଼ିକର ଅନୁସନ୍ଧାନ କେବଳ ଜୁଭେନାଇଲ୍ ଜଷ୍ଟିସ୍ ନିୟମ ଅନୁଯାୟୀ ତାଲିମ ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କରାଯିବ ।

**୧୦. ପୋକ୍‌ସୋ ଆଇନ୍‌ରେ କେତେ ବିଭାଗ ଅଛି ?**

ପିଲାମାନଙ୍କୁ ଯୌନ ନିର୍ଯାତନା, ଯୌନ ଉତ୍ପୀଡ଼ନ ଏବଂ ଅଶ୍ଳୀଳତା ଅପରାଧରୁ ରକ୍ଷା କରିବା ଏବଂ ଏହିପରି ଅପରାଧର ବିଚାର ପାଇଁ ଏବଂ ଏହା ସହିତ ଜଡିତ ଥିବା ମାମଲାଗୁଡ଼ିକ ପାଇଁ ସ୍ୱତନ୍ତ୍ର କୋର୍ଟ ଗଠନ ପାଇଁ ଏକ ନିୟମ, ଏହି ନିୟମରେ ୯ ଟି ଅଧ୍ୟାୟ ଏବଂ ୪୬ ଟି ବିଭାଗ ଅଛି ।

**୧୧. ପୋକସୋ ଆଇନ୍ ଅନୁଯାୟୀ ପୀଡିତାଙ୍କ ରେକର୍ଡିଂ ଷ୍ଟେଟମେଣ୍ଟ ଗ୍ରହଣର ବ୍ୟବସ୍ଥା କ'ଣ ?**

ଶିଶୁର ବକ୍ତବ୍ୟ ତାଙ୍କ ବାସସ୍ଥାନ କିମ୍ବା ପିଲାଙ୍କ ପସନ୍ଦ ସ୍ଥାନରେ ରେକର୍ଡ ହେବା ଜରୁରୀ । ଶିଶୁର ପିତାମାତା କିମ୍ବା ଶିଶୁର ପସନ୍ଦର ଅନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ବିବୃତ୍ତି ରେକର୍ଡ ହେବା ଜରୁରୀ । ସେମାନେ ଶିଶୁଙ୍କ ବାସଭବନ ପରିଦର୍ଶନ କରିବାବେଳେ ପୋଲିସ ୟୁନିଫର୍ମରେ ରହିବା ଉଚିତ ନୁହେଁ ।

**୧୨. ମାମଲା ରିପୋର୍ଟ କରିବାର ପ୍ରକ୍ରିୟା**

- ଧାରା ୧୯ : ସଂପୃକ୍ତ ଶିଶୁଙ୍କ ସହିତ ଏସ୍‌ଜେପିୟୁ କିମ୍ବା ସ୍ଥାନୀୟ ପୋଲିସକୁ ବାଧ୍ୟତାମୂଳକ ରିପୋର୍ଟ କରିବା
- ସିଡବ୍ଲ୍ୟୁସି ଏବଂ ସ୍ୱତନ୍ତ୍ର କୋର୍ଟ / ଅଧିବେଶନ କୋର୍ଟକୁ ରିପୋର୍ଟ କରନ୍ତୁ
- ଧାରା ୨୧ : ରିପୋର୍ଟ କରିବାରେ ବିଫଳତା ପାଇଁ ଦଣ୍ଡ
- ଧାରା ୨୨ : ମିଥ୍ୟା ଅଭିଯୋଗ ପାଇଁ ଦଣ୍ଡ
- ବିଭାଗ ୨୩: ଗଣମାଧ୍ୟମ ପାଇଁ ପ୍ରକ୍ରିୟା
- ଯୌନ ଅପରାଧର ବାଧ୍ୟତାମୂଳକ ରିପୋର୍ଟ ପାଇଁ ଏହି ନିୟମ ପ୍ରଦାନ କରାଯାଇଛି ।
- ଏହା ଜଣେ ବ୍ୟକ୍ତିଙ୍କ ଉପରେ ଏକ ଆଇନଗତ କର୍ତ୍ତବ୍ୟ ଅଟେ ଯାହାର ଜ୍ଞାନ ଅଛି ଯେ ଅପରାଧ ବିଷୟରେ ଜଣାଇବା ପାଇଁ ଜଣେ ଶିଶୁ ଯୌନ ଶୋଷଣର ଶିକାର ହୋଇଛି ।
- ଯଦି ସେ ଏହା କରିବାରେ ବିଫଳ ହୁଅନ୍ତି, ତେବେ ତାଙ୍କୁ ଛଅ ମାସ ଜେଲଦଣ୍ଡ କିମ୍ବା ଜୋରିମାନା କରାଯାଇପାରେ ।

**୧୩. ସହାୟକ ବ୍ୟକ୍ତିଙ୍କ ତାଲିକା**

- ଡିସିପିୟୁ ଏବଂ ସିଡବ୍ଲ୍ୟୁସି ବ୍ୟକ୍ତି / ଏନଜିଓର ଏକ ତାଲିକା ବଜାୟ ରଖିବ, ଯେଉଁମାନେ ଶିଶୁକୁ ସହାୟତା କରିବା ପାଇଁ ସହାୟକ ବ୍ୟକ୍ତି ଭାବରେ ନିଯୁକ୍ତ ହୋଇପାରନ୍ତି । ଏହା ନିମ୍ନଲିଖିତକୁ ଅନ୍ତର୍ଭୁକ୍ତ କରିପାରେ:
- ଶିଶୁ ଅଧିକାର / ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି
- ଶିଶୁ ଅଧିକାର / ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନଜିଓ କିମ୍ବା ଅନ୍ୟାନ୍ୟ ସଂଗଠନ, ଚାଇଲ୍ଡ୍ ଲାଇନ୍ ଏବଂ ଏହାର ସହାୟତା ସଂଗଠନ ସହିତ
- ଏକ ପିଲାମାନଙ୍କର ଘର କିମ୍ବା ଆଶ୍ରୟ ଗୃହର ଅଧିକାରୀ

- ଡିସିପିୟୁ ଦ୍ୱାରା ନିୟୋଜିତ ବ୍ୟକ୍ତି
- (କ) ଲିଗାଲ୍-କମ-ପ୍ରୋବେସନ୍ ଅଫିସର
- (ଖ) ସାମାଜିକ କର୍ମୀ
- (ଗ) ଆଉଟରିଚ୍ କର୍ମୀ
- (ଘ) ପରାମର୍ଶଦାତା

**୧୪. ପୋକ୍ସୋ ଅଧିନିୟମ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା**

- ଯୌନ ନିର୍ଯାତନା- ୭ ବର୍ଷ ସର୍ବନିମ୍ନ ଏବଂ ସର୍ବାଧିକ ଆଜୀବନ କାରାଦଣ୍ଡ ଏବଂ ଜୋରିମାନା
- ଗୁରୁତର ଅନୁପ୍ରବେଶକାରୀ ଯୌନ ନିର୍ଯାତନା- ୧୦ ବର୍ଷ (କଠୋର କାରାଗାର) ଏବଂ ସର୍ବାଧିକ ଆଜୀବନ କାରାଦଣ୍ଡ ଏବଂ ଜୋରିମାନା
- ଯୌନ ନିର୍ଯାତନା- ୩ ବର୍ଷ ସର୍ବନିମ୍ନ ଏବଂ ସର୍ବାଧିକ ପାଞ୍ଚ ବର୍ଷ କାରାଦଣ୍ଡ ଏବଂ ଜୋରିମାନା
- ଯୌନ ଶୋଷଣ- ୩ ବର୍ଷର ସର୍ବନିମ୍ନ ଏବଂ ସର୍ବାଧିକ ସାତ ବର୍ଷ ଜେଲ ଏବଂ ଜୋରିମାନା
- ଅଶ୍ଳୀଳ ସାମଗ୍ରୀର ସଂରକ୍ଷଣ ଏକ ଶିଶୁ ସହିତ ଜଡିତହେଲେ ୩ ବର୍ଷ ସର୍ବାଧିକ କାରାଦଣ୍ଡ ଏବଂ ଜୋରିମାନା

## ସାଧାରଣ ପ୍ରଶ୍ନ

**୧. ମୁଁ ମୋର ପରାମର୍ଶଦାତା ସହିତ କି ରି ଯୋଗାଯୋଗ କରିବି ?**

ପରାମର୍ଶଦାତାଙ୍କ ଉପଲବ୍ଧତା ଏବଂ ଆପଣଙ୍କ ଆବଶ୍ୟକତା ଉପରେ ଆଧାର କରି ଆପଣ ଫୋନ୍, ମେସେଜ, ଇମେଲ୍ କିମ୍ବା ଭିଡିଓ କଲ୍ ମାଧ୍ୟମରେ ପରାମର୍ଶଦାତାଙ୍କ ସହ କଥାବାର୍ତ୍ତା କରିପାରିବେ।

**୨. କୌଣସି ଅଧିବେଶନ ଖର୍ଚ୍ଚ ଅଛି କି ?**

ନାଁ, କାଉନସେଲିଂ ଅଧିବେଶନ ସବୁ ମାଗଣା ଏବଂ କୌଣସି ଲୁକ୍କାୟିତ ଦେୟ ନାହିଁ

**୩. ଥେରାପିର ଅବଧି କେତେ ?**

ଶିଶୁର ଆବଶ୍ୟକତା ଅନୁଯାୟୀ ଅବଧି ଭିନ୍ନ ହୋଇପାରେ

**୫. ମୁଁ ମୋ ଫୋନରେ ୱେବସାଇଟ୍ ଆକ୍ସେସ୍ କରିବାକୁ ସମର୍ଥ ହେବି କି ?**

ଅବଶ୍ୟ ! ୱେବସାଇଟ୍ ମୋବାଇଲ୍ ଏବଂ ଟାବଲେଟ୍ ଉପକରଣରୁ ଉପଲବ୍ଧ ଏବଂ ସମସ୍ତ ଇଣ୍ଟରନେଟ୍ ବ୍ରାଉଜର୍ ସହିତ ସୁସଙ୍ଗତ ।

**୬. କେଉଁ ଭାଷାଗୁଡ଼ିକରେ ପରାମର୍ଶ ଦିଆଯାଏ ?**

ଏହା ବର୍ତ୍ତମାନ ଓଡିଆ, ଇଂରାଜୀ ଏବଂ ହିନ୍ଦୀରେ ଉପଲବ୍ଧ

**୭. ପିଲାମାନଙ୍କଠାରେ ପରବର୍ତ୍ତୀ ଆଘାତଜନିତ ଚାପ ବ୍ୟାଧି କ'ଣ ?**

ଦୁଃସ୍ୱପ୍ନ, ଫ୍ଲାସବ୍ୟାକ୍ ଏବଂ ବିଚ୍ଛିନ୍ନତା ପରି ଆଘାତଜନିତ ପୁନରାବୃତ୍ତି ହୋଇପାରେ

**୯. ଶିଶୁ ନିର୍ଯାତନାର ଲକ୍ଷଣ କ'ଣ ?**

**ଲକ୍ଷଣ ଗୁଡିକ ପିଲାଠାରୁ ପିଲା ମଧ୍ୟରେ ଭିନ୍ନ ହେବ । ତଥାପି, କେତେକ ମୌଳିକ ସୂଚକ ଗୁଡ଼ିକ ହେଉଛି:**

ଆଚରଣ ପରିବର୍ତ୍ତନ, ଶୋଇବା ଶୈଳୀରେ ପରିବର୍ତ୍ତନ, ଭାବପ୍ରବଣତା ବା ନୀରବତା, କମ୍ ଖାଇବା, ସେମାନଙ୍କର ନିକଟ ଏବଂ ପ୍ରିୟମାନଙ୍କ ସହିତ ଯୋଗାଯୋଗ ବନ୍ଦ କରିବା, ସବୁବେଳେ ଏକାକୀ ରହିବା, ବାରମ୍ବାର ବାହାରକୁ ଯିବା ନାହିଁ, ବିଦ୍ୟାଳୟରୁ ନିଖୋଜ, ଖରାପ ପରିବେଶରେ ରହିବା ।

Published by :
People's Cultural Centre (PECUC)
ପିପୁଲସ୍ କଲଚରାଲ ସେଣ୍ଟର(ପିକକ୍)
PECUC
Pokhariput, Bhubaneswar - 751 020, Odisha
Copy Right : People's Cultural Centre (PECUC)
www.pecuc.org